## ସାପ୍ତାହିକ କାର୍ଯ୍ୟକ୍ରମ

୧୪।୭।୧୯
**ଅନୁଗୋଳ**
■ମହାବିଦ୍ୟାଳୟ ଅଧ୍ୟାପକ ସଂଘର ରାଜ୍ୟସ୍ତରୀୟ ବୈଠକ
ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ: ପୂର୍ବାହ୍ନ ୧୧ଟା।
■ଶ୍ରୀଜୀଉଙ୍କ ଅଧରପଣା ଲାଗି
ସ୍ଥାନ: ଶୈଳଶ୍ରୀକ୍ଷେତ୍ର
ସମୟ: ଅପରାହ୍ନ ୪ଟା।
■ମହାପ୍ରଭୁଙ୍କ ନୀଳାଦ୍ରି ବିଜେ
ସ୍ଥାନ: ଶୈଳଶ୍ରୀକ୍ଷେତ୍ର
ସମୟ: ଅପରାହ୍ନ ୫ଟା।
୧୫।୭।୧୯
**ଅନୁଗୋଳ**
■ଗୁରୁପୂର୍ଣ୍ଣିମା
ସ୍ଥାନ: ସାଇ ମନ୍ଦିର
ସମୟ: ପୂର୍ବାହ୍ନ ୮ଟା।
■ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: କିଶୋରନଗର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ



**ବଇଣ୍ଡା, ୧୩।୭(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କଦଳୀମୁଣ୍ଡା ଲେଭଲ କ୍ରସିଂଠାରେ ଶନିବାର ଭୋର ସମୟରେ ଚୋରା କେନ୍ଦୁପତ୍ର ବୋଝେଇ ଏକ ଟ୍ରକ୍‌କୁ ହଣ୍ଡପା ବନ ବିଭାଗ ଜବତ କରିଛି। ସେଥିରେ ୭୦ କୁଇଣ୍ଟାଲ କେନ୍ଦୁପତ୍ର ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଟ୍ରକ୍(ଓଡ଼ି ୧୫-ଏଚ-୧୬୨୯)ଟି ରେଢାଖୋଲ ଅଞ୍ଚଳରୁ କେନ୍ଦୁପତ୍ର ବୋଝେଇ କରି କଲିକତା ଅଭିମୁଖେ ଯାଉଥିବାବେଳେ ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ରଜନୀକାନ୍ତ ପଣ୍ଡା, ମହାବାହୁ ଛତିଆ, ସତ୍ୟବାନ ପ୍ରଧାନ, କୃଷ୍ଣ ଥାପା, ଶିବ କଠାର ପ୍ରମୁଖ ଗାଡିର ପିଛା କରିଥିଲେ। ତେବେ ଟ୍ରକ୍ ଚାଳକ ଓ ବ୍ୟବସାୟୀ ସେଠାରୁ ଫେରାର ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ନାଲ୍‌କୋ କର୍ମଚାରୀ ଗୁରୁତର

**ବଅଁରପାଳ, ୧୩।୭(ଡି.ଏନ.ଏ.):** ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ପରିସର ପଟଲାଇନ କ୍ୟାଣ୍ଟିନ ସମ୍ମୁଖରେ ଶନିବାର ଏକ ଟ୍ରେଲର (ଏମ୍‌ଟିଟି) ଧକ୍କାରେ ବୁଧୁରାମ ମାଝୀ(୫୭) ନାମକ ଜଣେ ନାଲ୍‌କୋ କର୍ମଚାରୀ ଗୁରୁତର ହୋଇଛନ୍ତି। ବାଇକ୍ ଯୋଗେ ସେ ପଟ୍‌ଲାଇନରୁ ଘରକୁ ଆସୁଥିବାବେଳେ ଟ୍ରେଲରଟି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ୧୮ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ଦେଖା

**ଅନୁଗୋଳ ଅଫିସ, ୧୩।୭:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆୟୋଜିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଗୋଳ ଜିଲାରେ ଶେଷ ହୋଇଛି। ଜିଲାର ମୋଟ ୬ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ୭୪୨ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ସେହିପରି ମୁକ୍ତ ବିଦ୍ୟାଳୟର ୨୬୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ଚଳିତ ସପ୍ଲିମେଣ୍ଟାରୀ ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଅସାଧୁ ଉପାୟ ଅବଲମ୍ବନ କରି ନ ଥିବା ଶିକ୍ଷା ଅଧିକାରୀ ବେହେରା କହିଛନ୍ତି। ଆସନ୍ତା ୧୮ ତାରିଖରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ ବୋଲି ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଗୋଳରେ ମୂଲ୍ୟାୟନ କେନ୍ଦ୍ର ହେବ କି ନାହିଁ ସେନେଇ ସ୍ପଷ୍ଟ ହୋଇ ନ ଥିବା ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

■ ଗୋଧି ଗିଳୁଥିବା ଅହିରାଜକୁ ଗୁଳି ଘଟଣା

# ଶିକାରୀଙ୍କୁ ଘଣ୍ଟି ଘୋଡ଼ାଇବାକୁ ରାଜନୈତିକ ଚାପ ଚର୍ଚ୍ଚା

**ବନ୍ତଳା,୧୩।୭(ଡି.ଏନ.ଏ.)**

■ରେଞ୍ଜର-ଡିଏଫ୍‌ଓଙ୍କ କଥାରେ ନାହିଁ ତାଳମେଳ
■ବ୍ୟବଚ୍ଛେଦ ରିପୋର୍ଟରେ ଗାଡ଼ି ଚଢ଼ିଯାଇଥିବା ଉଲ୍ଲେଖ
■ବନ ବିଭାଗର ତଦନ୍ତ ଉପରେ ପ୍ରଶ୍ନ ଉଠାଇଲେ ପରିବେଶବିତ୍



ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ବାରଗୌଣିଆସ୍ଥିତ ପାଣ୍ଡୁରୀଶୁଣି ପାହାଡ଼ରେ ଗତ ୧୦ ତାରିଖରେ ଗୋଧି ଗିଳୁଥିବା ଏକ ଅହିରାଜକୁ ଶିକାରୀମାନେ ଗୁଳି କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଗ୍ରାମବାସୀଙ୍କ ସୂଚନାକୁ ଆଧାର କରି ବନ ବିଭାଗ ସାପର ମୃତଦେହ ଜବତ ସହ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ଘଟଣା ଏବେ ରାଜନୈତିକ ମୋଡ଼ ନେଇଥିବା ଆଲୋଚନା ହେଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ବନ ବିଭାଗର ଦୁଇ ଅଧିକାରୀଙ୍କ କଥାରେ ତାଳମେଳ ନ ରହିବା ମାମଲାକୁ ଆହୁରି ରହସ୍ୟମୟ କରିଦେଇଛି। ଜଣେ ଅଧିକାରୀ ରିପୋର୍ଟ ଆସି ନ ଥିବା କହୁଥିବା ବେଳେ ଅନ୍ୟ ଜଣେ ଅଧିକାରୀ ରିପୋର୍ଟରେ ଗୁଳି ନୁହେଁ, ଗାଡ଼ି ଚଢ଼ିଯିବାରୁ ସାପର ମୃତ୍ୟୁ ହେବା ଉଲ୍ଲେଖ ଥିବା କହିଛନ୍ତି। ଅପରପକ୍ଷରେ ବନ ବିଭାଗର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ୍‌ମାନେ।

କେତେଜଣ ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବାରଗୌଣିଆ ପଞ୍ଚାୟତରେ ଶିକାରୀ ସକ୍ରିୟ ରହିଛନ୍ତି। ସେମାନଙ୍କ ନିକଟରେ ୮ଟି ବେଆଇନ ଦେଶୀ ବନ୍ଧୁକ ରହିଛି। ଦୈନିକ ଉକ୍ତ ବନ୍ଧୁକ ଧରି ସେମାନେ ପାଣ୍ଡୁରୀଶୁଣି ପାହାଡ଼, ନୂଆଖେତା ରିଜର୍ଭ ଜଙ୍ଗଲରେ ଶିକାର କରୁଛନ୍ତି। ପୂର୍ବରୁ ବାରଗୌଣିଆ ଅଞ୍ଚଳରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରାଯାଇଥିଲା। ଗତ ୧୦ ତାରିଖରେ କେତେଜଣ ଶିକାରୀ ପାଣ୍ଡୁରୀଶୁଣି ପାହାଡ଼ରେ ଅହିରାଜକୁ ଗୁଳି କରିଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଗାଁ ଲୋକେ ମୃତ ସାପକୁ ଗ୍ରାମକୁ ନେଇଆସିଥିବା ବେଳେ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚି ତାହାକୁ ଜବତ କରିଥିଲେ। ଅହିରାଜର ଫଣା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ଫଣାରେ ଗୁଳି ବାଜିଥିବା ଭଳି ଏକ ଗର୍ତ୍ତ ହୋଇଥିବା ଗ୍ରାମବାସୀ ବନ ଅଧିକାରୀଙ୍କୁ ଦେଖାଇଥିଲେ। ଏହାପରେ ବନ ବିଭାଗ ଘଟଣାସ୍ଥଳକୁ ଆଦୌ ଯାଇନାହିଁ କି ମୃତ ଗୋଧିକୁ ମଧ୍ୟ ଆଣି ବ୍ୟବଚ୍ଛେଦ କରିନାହିଁ। ଏବେ ଘଟଣାରେ ରାଜନୀତି ପଶିଯାଇଛି। ଗିରଫ ଭୟରେ ଶିକାରୀମାନେ ଆତ୍ମଗୋପନ କରିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୨୦ରୁ ୩୦ ଜଣ କର୍ମୀ ଶୁକ୍ରବାର ଜିଲାର ଜଣେ ବିଧାୟକଙ୍କୁ ଭେଟି ଶିକାରୀମାନଙ୍କୁ ଗିରଫ ନ କରିବା ପାଇଁ ଦାବି କରିଥିବା ଏବେ ଗ୍ରାମରେ ଆଲୋଚନା ହେଉଛି। ସମ୍ପୃକ୍ତ ଶିକାରୀମାନେ ଉକ୍ତ ରାଜନୈତିକ ଦଳ ସହ ସମ୍ପୃକ୍ତ ଥିବାରୁ ମାମଲା ରଫାଦଫା ପାଇଁ ଦାବି କରାଯିବା ଏପରି କି ଗାଁ ଲୋକଙ୍କଠାରୁ ଦସ୍ତଖତ ନିଆଯାଉଥିବା ଚର୍ଚ୍ଚା ହେଉଛି। ଏଭଳି ସମୟରେ ଅହିରାଜର ମୃତ୍ୟୁ ଗାଡ଼ି ଚଢ଼ିଯିବା କାରଣରୁ ହୋଇଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯିବା ନିଶ୍ଚିତ ସନ୍ଦେହଜନକ। ରାଜନୈତିକ ଚାପରେ ଏପରି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବନ୍ତଳା ରେଞ୍ଜର ଡିଲେଶ୍ୱର ପ୍ରଧାନ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଏଯାଏ ଆସିନାହିଁ। ଘଟଣାର ତଦନ୍ତ ଜାରି ରହିଥିବାରୁ କିଛି କହି ହେବନାହିଁ। ବେଆଇନ ଦେଶୀ ବନ୍ଧୁକ ଉପରେ ତଦନ୍ତ କରାଯିବ। ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ କହିଛନ୍ତି, ଅହିରାଜର ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ବନ୍ଧୁକ ଗୁଳିରେ ଶିକାର ହୋଇନାହିଁ। ମୋଟର ଗାଡ଼ି ମାଡି ଯିବାରୁ ମୃତ୍ୟୁ ହୋଇଛି। ସାପ ଶରୀରର କୌଣସି ଠାରେ କ୍ଷତ ଚିହ୍ନ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ପିପୁଲ୍ସ ଫର ଆନିମାଲ୍ସର ଅନୁଗୋଳ ଚେୟାରମ୍ୟାନ ବିପ୍ଳବ ମହାପାତ୍ର କହିଛନ୍ତି, ଅହିରାଜକୁ ଶିକାର କରାଯିବା ସତ୍ୟ। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ଦରକାର। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯିବା ଆବଶ୍ୟକ। ପୂର୍ବତନ ୱାଇଲ୍ଡ ଲାଇଫ ୱାଡେନ ତଥା ୱାଇଲ୍ଡ ଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ସଦସ୍ୟ ସଞ୍ଜୀବ କୁମାର ଦାସ କହିଛନ୍ତି, ୨୦୧୫ରେ ଏକ ସାପକୁ ଗୁଳି ଦ୍ୱାରା ଶିକାର କରାଯାଇଥିଲା। ସେହି ସମୟରେ ଠିକ୍ ଭାବରେ ତଦନ୍ତ ହୋଇଥିଲେ ଆଜି ଏପରି ଘଟି ନ ଥାନ୍ତା। ଘଟଣା ସମ୍ପର୍କରେ ପିସିସିଏଫ୍ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଜୟ ମହାପାତ୍ର କହିଛନ୍ତି, ଅହିରାଜକୁ ଗୁଳି ସମ୍ପର୍କରେ ହ୍ୱାଟ୍ସଆପରେ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

■ ଶିକ୍ଷାଦାନରେ ଅବହେଳା

# ୨ ଶିକ୍ଷୟିତ୍ରୀ ନିଲମ୍ବିତ

**ଅନୁଗୋଳ ଅଫିସ, ୧୩।୭**

ଶିକ୍ଷାଦାନରେ ଅବହେଳା, ବିଭାଗୀୟ ଅଧିକାରୀଙ୍କୁ ଦୁର୍ବ୍ୟବହାର ଯୋଗୁ ଅନୁଗୋଳ ସହର ପଶ୍ଚିମ ବଜାରପଡ଼ା ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ। ସେମାନେ ହେଲେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ପ୍ରତିମାଞ୍ଜରୀ ଦ୍ୱିବେଦୀ। ଏ ନେଇ ଶନିବାର ବିଧିବଦ୍ଧ ଭାବେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଜଣା ଯାଇଥିବା ସୂଚନା ଦିଆଯାଇଛି।

ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକଙ୍କ ସୂଚନା ମୁତାବକ, ସେ ଗତ ୮ ତାରିଖରେ ସେ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ସେଠାରେ ଉପସ୍ଥିତ ଥିବା ଦୁଇ ଶିକ୍ଷୟିତ୍ରୀ ଗପସପରେ ମାତିଥିଲେ। ପାଠପଢ଼ା ସମୟରେ ପିଲାମାନେ ଏଣେ ତେଣେ ବୁଲୁଥିଲେ ମଧ୍ୟ ସେଥିପ୍ରତି ନଜର ନ ଦେବା ଏପରିକି ଛାତ୍ରୀଛାତ୍ରଙ୍କ ଖାତାରେ ଭୁଲ ଉତ୍ତର ଲେଖାଥିବାବେଳେ ଏହାକୁ ଠିକ୍ ଦର୍ଶାଇଥିବା ସେ ଦେଖିବାକୁ ପାଇଥିଲେ। ଏ ବିଷୟରେ ପଚାରିବାରେ ସେମାନେ ଶିକ୍ଷା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଥିଲା। ହେଲେ ଉତ୍ତରରେ ସନ୍ତୋଷଜନକ କାରଣ ନ ମିଳିବାରୁ ଉଭୟ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଥିବା ପଟ୍ଟନାୟକ କହିଛନ୍ତି।

# ଷ୍ଟେଶନରେ ସହାୟତା କେନ୍ଦ୍ର

**ଅନୁଗୋଳ ଅଫିସ, ୧୩।୭**

ଅନୁଗୋଳ ଷ୍ଟେଶନ ଦେଇ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକରେ ପୁରୀ ଅଭିମୁଖେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ରଥଯାତ୍ରା ଦିନଠାରୁ ଷ୍ଟେଶନରେ ଆରପିଏଫ୍ ସହାୟତା କେନ୍ଦ୍ର ଖୋଲିଥିଲା। ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଖୋଲିଥିବା ହେଲ୍ପ ଡେସ୍କରେ ଦୁଇଟି ପର୍ଯ୍ୟାୟରେ ୪ ଜଣ ଲେଖାଏ ଆରପିଏଫ କର୍ମଚାରୀ କାର୍ଯ୍ୟ କରିଥିବା ସୂଚନା ମିଳିଛି। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ଏହି ବ୍ୟବସ୍ଥା କରାଯାଇଥିବା ଆରପିଏଫର ସବ୍ ଇନ୍ସପେକ୍ଟର ପ୍ରବୀର କୁମାର ମହାନ୍ତି କହିଛନ୍ତି। ଅସୁବିଧାରେ ପଡିଥିବା ଯାତ୍ରୀମାନେ ୧୮୨ ନମ୍ବରରେ ଫୋନ୍ କରି ସେମାନଙ୍କ ସମସ୍ୟା ଜଣାଇବାର ବ୍ୟବସ୍ଥା କରାଯାଇଥିଲା। ସ୍ପେଶାଲ ଟ୍ରେନ୍ ଯାତାୟାତ ବନ୍ଦ ପରେ ମଧ୍ୟ ଆରପିଏଫ କର୍ମଚାରୀମାନେ ଷ୍ଟେଶନରେ ରହିବେ ବୋଲି ସେ କହିଛନ୍ତି।

# ମନ୍ଦିର ନିର୍ମାଣ ପାଇଁ ଅର୍ଥ ଦାନ



**ତାଳଚେର,୧୩।୭(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଅନନ୍ତ କୋଇଲା ଖଣିର ଟ୍ରକ୍ ମାଲିକ ସଂଘ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରାଯାଇଛି। ସଂଘ ସଦସ୍ୟ ରତନ କୁମାର ବାରିକ, ସଞ୍ଜୟ କୁମାର ପ୍ରଧାନ, କେଶବ ଚନ୍ଦ୍ର ନନ୍ଦ, ସଞ୍ଜୀବ ପ୍ରଧାନ ଓ ରତ୍ନାକର ପ୍ରଧାନ ପ୍ରମୁଖ ଶନିବାର ହିଙ୍ଗୁଳା ମନ୍ଦିରରେ ପହଞ୍ଚି ୧ ଲକ୍ଷ ୨୯ ହଜାର ୪୦୫ ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ପ୍ରଦାନ ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ, ମୁରଲୀଧର ସାହୁ, ସଞ୍ଜୟ କୁମାର ସାହୁ, ପଞ୍ଚାନନ ବେହେରା, ବିନୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନନ୍ତ ଟ୍ରକ୍ ମାଲିକ ସଂଘର ଏଭଳି ମହତ କାର୍ଯ୍ୟକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।

# ଗାଡ଼ି ଧକ୍କାରେ ଯୁବକ ଆହତ

**ଅନୁଗୋଳ ଅଫିସ, ୧୩।୭**

ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ପୁରୀ ଜିଲାର ଅଭିନାଶ ପ୍ରଧାନ(୨୪) ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଏ ନେଇ ଯୁବକଙ୍କ ବାପା ମୋହନ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୫୨୧/୧୯ରେ ମାମଲା ରୁଜୁ କରିଛି। ଅଭିନାଶ ଅନୁଗୋଳକୁ କୌଣସି କାର୍ଯ୍ୟରେ ଆସିଥିବାବେଳେ ଏସ୍‌ପି ଅଫିସ ସମ୍ମୁଖରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

# ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୧୩।୭**

ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ପୋଲିସ ନଂ. ୧୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ଜିଲା ଦୌରାଜଜ୍‌ଙ୍କ ଛେଣ୍ଡିପଦା ଗସ୍ତ

# ୨୧ରେ ନୂତନ କୋର୍ଟ ଉଦ୍‌ଘାଟନ

**ଛେଣ୍ଡିପଦା,୧୩।୭(ସ୍ୱ.ପ୍ର.)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦରମହକୁମାରେ ଦେୱାନି ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୧ ତାରିଖରେ ଉଦ୍‌ଘାଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଛେଣ୍ଡିପଦା ବାର୍ ଆସୋସିଏଶନ ସଭାପତି ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି। ଶନିବାର ଜିଲା ଦୌରାଜଜ ଅଶାନ୍ତ କୁମାର ଦାସ, ଅତିରିକ୍ତ ଜିଲା ଦୌରାଜଜ ସୁରେଶ କୁମାର ପ୍ରଧାନ, ସିଜେଏମ ସୌମ୍ୟକ କୁମାର ପାତ୍ର, କୋର୍ଟ ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, କୋର୍ଟ ମ୍ୟାନେଜର ସୁମନ କୁମାର ଆଚାର୍ଯ୍ୟ ଛେଣ୍ଡିପଦା ଗସ୍ତ କରି ଅଦାଲତର ଆନୁସଙ୍ଗିକ ଆବଶ୍ୟକତା ଓ ନିର୍ମାଣ ବୁଲି ଦେଖିଥିଲେ। ପରେ ବାର ଆସୋସିଏଶନ କର୍ମକର୍ତ୍ତାଙ୍କ ସହିତ ଏହାର ଉଦ୍‌ଘାଟନ ନିମନ୍ତେ ଆଲୋଚନା କରିଥିଲେ। ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟର ପଛପଟେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମିତ କଲ୍ୟାଣ ମଣ୍ଡପ ଓ ସଭାଘରେ ନୂତନ ଅଦାଲତ ଖୋଲିବା ପାଇଁ ଯୋଜନା କରାଯିବା ସହିତ ୪ ମାସ ମଧ୍ୟରେ ଅଦାଲତର ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ଗସ୍ତ ସମୟରେ ବାର ଆସୋସିଏଶନ ସଭାପତି, ସମ୍ପାଦକ ରାଜକିଶୋର ବେହେରା, ନଗେନ ନନ୍ଦ, ଚିତ୍ତରଞ୍ଜନ ସାହୁ, ବସନ୍ତ କୁମାର ପ୍ରଧାନ, ଲମ୍ବୋଦର ପ୍ରଧାନ, ନଗେନ କୁମାର ସାହୁ, ଗୋପବନ୍ଧୁ ସାହୁ, ଭୋଳେଶ୍ୱର ବେହେରା, ମଧୁସୂଦନ କର, ପ୍ରଦୀପ କୁମାର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକ ଅଦାଲତରେ ୧୮୨ ମାମଲା ସମାଧାନ



**ଅନୁଗୋଳ ଅଫିସ, ୧୩।୭**

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାର କୋର୍ଟ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୮୨ଟି ମାମଲାର ସମାଧାନ କରାଯାଇଥିଲା। ୨୯ଟି ମୋଟରଯାନ ଦୁର୍ଘଟଣା ଜନିତ, ୧୬ଟି ପାରିବାରିକ ମାମଲା, ୮ଟି ଦେୱାନି ମାମଲାର ସମାଧାନ କରାଯାଇ ୧ କୋଟି ୬୭ ଲକ୍ଷ ୭୪ ହଜାର ୪୭୬ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ସେହିଭଳି ୮ଟି ଚେକ୍‌ବାଉନ୍ସ ମାମଲା ସମାଧାନ କରାଯିବା ସହ ୨୧ ଲକ୍ଷ ୧୩ ହଜାର ୮୭୨ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୧୭ଟି ବ୍ୟାଙ୍କ ସମ୍ପର୍କିତ ମାମଲାର ଫଇସଲା କରାଯାଇ ୮୨ ଲକ୍ଷ ୧୫ ହଜାର ୪୦୧ ଟଙ୍କା ଆଦାୟ ହୋଇଛି। ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ରୂପଶ୍ରୀ ଚୌଧୁରୀ, ଫ୍ୟାମିଲି ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟକ୍ ପାତ୍ର, କୋର୍ଟର ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ସା ପଶାୟତ, ଏସ୍‌ଡିଜେମ୍ ବିଶ୍ୱଜିତ ନାୟକ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ଆଇନଜୀବୀ, ଜିଲା ଆଇନ୍ ସେବା ପ୍ରାଧିକରଣର କର୍ମକର୍ତ୍ତା ଓ ଜିଲା କୋର୍ଟ ଅଧୀନସ୍ଥ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ଅନୁଗୋଳ ଅଫିସ /ବଅଁରପାଳ/ଛେଣ୍ଡିପଦା, ୧୩।୭**



ଶୈଳ ଶ୍ରୀକ୍ଷେତ୍ରରେ ଦେବୀ ସୁଭଦ୍ରାଙ୍କ ସୁନାବେଶ।



ପ୍ରଭୁ ଜଗନ୍ନାଥ ସୁନାବେଶରେ ଦର୍ଶନ ଦେଉଛନ୍ତି।

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶନିବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟାରୁ ନୀତିକାନ୍ତି ସରିବା ପରେ ତିନି ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସକାଳୁ ରଥରେ ନୀତିକାନ୍ତ ଅନୁଷ୍ଠିତ ହେବା ପରେ ଅପରାହ୍ନରେ ଶୈଳଶ୍ରୀକ୍ଷେତ୍ରର ରତ୍ନ ଭଣ୍ଡାରରୁ ଅଳଙ୍କାର ଅଣାଯାଇ ତିନି ଦିଅଁଙ୍କୁ ସାଜସଜ୍ଜା କରାଯାଇଥିଲା। ଏହାପରେ ନୀତି କରାଯାଇ ପରଦା ଖୋଲାଯାଇଥିଲା। ରବିବାର ଅପରାହ୍ନ ୪ଟାରେ ଅଧରପଣା ଲାଗି କରାଯିବା ପରେ ଶ୍ରୀଜୀଉମାନଙ୍କ ନୀଳାଦ୍ରି ବିଜେ କରାଯିବ ବୋଲି ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ ଦାସ ସୂଚନା ଦେଇଛନ୍ତି। ସୁନାବେଶ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ଶୈଳଶ୍ରୀକ୍ଷେତ୍ର ପକ୍ଷରୁ ଆୟୋଜନ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହରେ କଣ୍ଠଶିଳ୍ପୀ କୁମାର ବାପି ଓ ସାଥୀମାନେ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ।

■ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରୀ ବିଜେ
■୪ଟାରେ ଲାଗିହେବେ ଅଧରପଣା

ନାଲକୋନଗର ସ୍ଥିତ ଜଗନ୍ନାଥ ମନ୍ଦିରରେ ଶନିବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ ଜମାଇଥିଲେ। ସନ୍ଧ୍ୟା ଆଳତି ପରେ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ନର୍ତ୍ତକୀ ଅନୁଷ୍ଠାନ ତରଫରୁ ଓଡ଼ିଶୀ, ମହାକାଳୀ, ଶିବ ତାଣ୍ଡବ, ରାସଲୀଳା, କାଞ୍ଚି ଅଭିଯାନ ଆଦି ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ନାଲ୍‌କୋ ଅର୍ଥ ବିଭାଗ ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ସ୍ତ୍ରୀ ସସ୍ମିତା ପାତ୍ର, ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଏସ. ଏନ. ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିସରରେ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାରୀତି ହୋମଯଜ୍ଞ, ପୁରାଣ ପାଠ, ନାମସଂକୀର୍ତ୍ତନ, ଭଜନଜଣାଣ, ଅନ୍ନପ୍ରସାଦ ସେବନ ଆଦି ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ପରେ ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ମନ୍ଦିର ପରିଚାଳନା କମିଟି, ରଥଯାତ୍ରା ପାଳନ କମିଟି ତଥା ପୋଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି କୋରଡା, ବାଲିପଟା, ଜରପଡା, କମ୍ପସଲା, କୋଶଳା, ବ୍ରାହ୍ମଣବିଲ, ଝିଣ୍ଟିପାଳ, ଡୁକୁଡା ମୁଣ୍ଡାସାହି, ପରା, ପାତ୍ରପଡା, ବରପଦା, କୁଶକିଳା, ସନ୍ତରାବନ୍ଧ ଆଦି ସ୍ଥାନରେ ତିନି ଠାକୁରଙ୍କସୁନାବେଶଅନୁଷ୍ଠିତହୋଇଥିଲା।



ନାଲ୍‌କୋନଗର ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ସୁନାବେଶ।



ଶୈଳ ଶ୍ରୀକ୍ଷେତ୍ରରେ ପ୍ରଭୁ ବଳରାମଙ୍କ ସୁନାବେଶ।

## ସଂକ୍ଷେପରେ

### କାନ୍ଥ ପଡ଼ି ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**କାମାକ୍ଷାନଗର, ୧୩।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶଶାପଶି ଗ୍ରାମରେ କାନ୍ଥପଡ଼ି ଗୁରୁତର ହୋଇଥିବା ଅରକ୍ଷିତ ସିଂ (୫୦)ଙ୍କ ଶନିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକ୍ରବାର ଗ୍ରାମର ଚଇତ ପ୍ରଧାନଙ୍କ ଘରେ ଅରକ୍ଷିତ କାମ କରୁଥିଲେ। ଏହି ସମୟରେ ହଠାତ୍ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଛାତି, ଗୋଡ଼ ସମେତ ଶରୀରର ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଗୋପାଳନ, ଜିଆଖତ ପ୍ରସ୍ତୁତି ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୧୩।୭:** କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କଙ୍ଗେଇଲ ଗ୍ରାମରେ ଢେଙ୍କାନାଳ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଗୋପାଳନ ଏବଂ ଜିଆଖତ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୧ ତାରିଖ ଯାଏ ଚାଲିବ। ଏଲ୍‌ଡିଏମ୍ ବିଶ୍ୱନାଥ ପଟ୍ଟନାୟକ, ଏଫ୍‌ଏଲସି ରବି ନାରାୟଣ ପାଣିଗ୍ରାହୀ, ୟୁକୋ ବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ମହାପାତ୍ର, ଗ୍ରାମ ସଭାପତି ଶ୍ରୀକାନ୍ତ ବାରିକ, କାମାକ୍ଷାନଗର ବ୍ଲକ ଜୀବିକା ମିଶନର ଅଶାନ୍ତି ଖୁଣ୍ଟିଆ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମୀଣ ମହିଳାଙ୍କୁ ନିଯୁକ୍ତିର ବାଟ ବତାଇବା, ପରିବାରର ଆର୍ଥିକ ସ୍ଥିତି ମଜଭୁତ କରିବା ଏହି ତାଲିମ କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଛନ୍ତି। କୋର୍ସ କୋଅର୍ଡିନେଟର ସୁଚିତ୍ରା ଗଡନାୟକ, ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା, କାଦମ୍ବରୀ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଅଟକ

**ରାସୋଳ, ୧୩।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ରବି ଗୋଛାୟତଙ୍କୁ ପୋଲିସ ଅଟକ ରଖିଛି। ଏ ନେଇ ନଂ. ୭୫/୧୯ରେ ମାମଲା ରୁଜୁ ହୋଇଛି। ରବିବାର ଉଭୟଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ କହିଛି। ଗୁରୁବାର ସ୍କୁଲ ଯାଉଥିବାବେଳେ ସମ୍ପୃକ୍ତା ନାବାଳିକାଙ୍କୁ ରବି ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଶନିବାର ତାଳଚେର ସମଲ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଅଟକ ରବିଙ୍କୁ ପଚରାଉଚୁରା କରାଯାଉଥିବା ପୋଲିସ କହିଛି।

### ଟ୍ରକ୍ ଧକ୍କାରେ ଷଣ୍ଢ ମୃତ, ରାସ୍ତାରୋକୋ

**କାମାକ୍ଷାନଗର, ୧୩।୭(ଡି.ଏନ୍.ଏ.):** କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ରେକୁଲାରେ ଶନିବାର ରାତି ପ୍ରାୟ ୮ଟାରେ ଟ୍ରକ୍ ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। କାମାକ୍ଷାନଗର ରାସ୍ତାରେ ଭାରିଯାନ ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା କେତେଜଣ ହୋମ୍‌ଗାର୍ଡ ଭାରିଯାନ ଚାଳକଙ୍କଠାରୁ ହାତଗୁଞ୍ଜା ନେଇ ଗାଡ଼ି ଛାଡ଼ି ଦେଉଛନ୍ତି। ଫଳରେ ଏପରି ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ଷଣ୍ଢ ମୃତ୍ୟୁ ପରେ ଭାରିଯାନ ଚଳାଚଳ ବନ୍ଦ କରିବା ଦାବିରେ ଗ୍ରାମବାସୀ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରୋକୋ କରିଛନ୍ତି। ଥାନାଧିକାରୀ ନିରଞ୍ଜନ ସେଠୀ, ଏସ୍‌ଆଇ ସୁରେଶ ଚନ୍ଦ୍ର ବେହେରା, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନାମୂଳକ ବାତାବରଣ ଲାଗିରହିଛି।

■ବିଦ୍ୟୁତ୍ ଆଘାତରେ ଏନ୍‌ଜେନ୍ କର୍ମଚାରୀଙ୍କ ମୃତ୍ୟୁ ଘଟଣା

# ମୃତଦେହ ରଖି ରାସ୍ତାରୋକୋ


ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

■୮ଲକ୍ଷ ଟଙ୍କା କ୍ଷତିପୂରଣ ଦେବ ଏନ୍‌ଜେନ୍

■ଯୋଗ୍ୟତା ଅନୁଯାୟୀ ସ୍ତ୍ରୀଙ୍କୁ ମିଳିବ ନିଯୁକ୍ତି

■ଶେଷକୃତ୍ୟ ପାଇଁ ଦିଆଗଲା ୨୫ ହଜାର ଟଙ୍କା

**ଢେଙ୍କାନାଳ ଅଫିସ, ୧୩।୭**

ଢେଙ୍କାନାଳ ସଦର ଥାନା ବଣସିଂହ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏନ୍‌ଜେନ୍ ଠିକା କର୍ମଚାରୀ ଜିତେନ୍ଦ୍ର ପଣ୍ଡାଙ୍କ ମୃତ୍ୟୁ ଘଟଣାକୁ ନେଇ ତୁମୁଳକାଣ୍ଡ ଘଟିଛି। ମୃତକଙ୍କ ପରିବାରକୁ ଥଇଥାନ ଏବଂ କ୍ଷତିପୂରଣ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି ଗ୍ରାମବାସୀ। ଶନିବାର ଅପରାହ୍ନ ୨ଟା ୪୦ରେ ଉତ୍ତ୍ୟକ୍ତ ଲୋକେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ଥଇଥାନ ଏବଂ ବଣସିଂହ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଞ୍ଚଳବାସୀଙ୍କ କହିବା କଥା, ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ଜିତେନ୍ଦ୍ର। ତାଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟଙ୍କ ଭରଣପୋଷଣ କଷ୍ଟସାଧ୍ୟ ହୋଇପଡ଼ିବ। ଯୋରନ୍ଦା ବିଦ୍ୟୁତ୍ ସେକ୍ସନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦାୟିତ୍ୱହୀନ ଭାବେ ବିନା ସୂଚନାରେ ବିଦ୍ୟୁତ୍ ଚାର୍ଜ କରିଦେଇଥିଲେ। ଏହା ହିଁ ଜିତେନ୍ଦ୍ରଙ୍କ ମୃତ୍ୟୁର କାରଣ ସାଜିଥିଲା। ଅଭିଯୁକ୍ତ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦୋଷୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ଏବଂ ବଣସିଂହରେ ନିର୍ମିତ ହୋଇଥିବା ୩୩/୧୧ ବିଦ୍ୟୁତ୍ ଷ୍ଟକଚରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ବଣସିଂହ ସରପଞ୍ଚ କପିଳ ଘଡ଼େଇ, ରାଧାଦେଇପୁର ସରପଞ୍ଚ ଭାଗୀରଥି ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ବେହେରା, ଶିଶିର ଶତପଥୀ, ସରୋଜ ଶତପଥୀ ପ୍ରମୁଖ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ସୂଚନା ପାଇ ସଦର ତହସିଲଦାର ଉଦୟନାଥ ମହାପାତ୍ର, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ଅଭିନବ ଡାଲୁଆ, ଏନ୍‌ଜେନ୍ ଏସ୍‌ଡିଓ ବିବେକ ମହାପାତ୍ର ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏନ୍‌ଜେନ୍ ପକ୍ଷରୁ ମୃତକଙ୍କ ପରିବାରକୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଜିତେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଏଥିସହ ଶେଷକୃତ୍ୟ ପାଇଁ ଏନ୍‌ଜେନ୍ ପକ୍ଷରୁ ୧୫ହଜାର ଟଙ୍କା ଏବଂ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଦିଆଯିବା ପରେ ଅପରାହ୍ନ ୪ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବିଦ୍ୟୁତ୍ ଆଘାତରେ ଗୁରୁତର ହେବାପରେ ଶୁକ୍ରବାର ଜିତେନ୍ଦ୍ରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କଟକରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଶନିବାର ଅପରାହ୍ନ ୨ଟା ୨୦ରେ ଗ୍ରାମକୁ ଅଣାଯାଇଥିଲା। ଏହାପରେ ଗ୍ରାମବାସୀ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ରାସ୍ତାରୋକୋ କରିଥିଲେ।

# ଶ୍ରୀଜୀଉଙ୍କ ସୁନାବେଶ



**ଭୁବନ, ୧୩।୭(ଡି.ଏନ.ଏ.)**

ଭୁବନ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ଶନିବାର ସୁନାବେଶରେ ଦର୍ଶନ ଦେଇଛନ୍ତି ଶ୍ରୀଜୀଉ। ସନ୍ଧ୍ୟାରେ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା ପରେ ଠାକୁରଙ୍କ ବେଶ ଆଗକୁ ବଢ଼ିଥିଲା। ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଏହି ଅବସରରେ ଆୟୋଜିତ ଭଜନ ସମାରୋହକୁ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିବା ସହ ଜଗନ୍ନାଥଙ୍କ ଅଲୌକିକ ଲୀଳା ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାନେତ୍ରୀ ମିନତି ନାଏକ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ କୋଦଣ୍ଡଧର ସାହୁ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟବ୍ରତ ମାହୁନ୍ତ, ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, କୃଷକ ସମାଜ ସଭାପତି ବାସୁଦେବ ଗୁରୁ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ମାୟାଧର ପଣ୍ଡା, ମୁଖ୍ୟ ସେବକ ରାମଚନ୍ଦ୍ର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସମସ୍ୟାକୁ ସଂସଦରେ ଉପସ୍ଥାପନ କରିଥିବାରୁ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରଥ ନିର୍ମାଣ କରିଥିବା ମହାରଣା ସେବକ, ନୃତ୍ୟ ଶିଳ୍ପୀ, ଘଣ୍ଟବାଦ୍ୟ ଦଳ, ଶ୍ରେଷ୍ଠ ପରିଚାଳକ ମଧ୍ୟ ସମ୍ମାନିତ ହୋଇଥିଲେ। ଉପଦେଷ୍ଟା ମାତୃପ୍ରସାଦ ମିଶ୍ର, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପରିଚାଳନା କମିଟି ସଭାପତି ଶୁଭେନ୍ଦୁ ସାହୁ, ସମ୍ପାଦକ ନିରଞ୍ଜନ ଗୁରୁ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୮୨ ମାମଲା ଫଇସଲା


ମାମଲାର ଶୁଣାଣି କରାଯାଉଛି।

**ଢେଙ୍କାନାଳ ଅଫିସ, ୧୩।୭**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆପୋସ ବୁଝାମଣା ମାଧ୍ୟମରେ ୧୮୨ଟି ମାମଲାର ଫଇସଲା କରାଯାଇଛି। ସେଥିରୁ ମୋଟର ଦୁର୍ଘଟଣାଜନିତ ୩୦, ବିବାହ ଓ ପାରିବାରିକ ମାମଲା ୮, ଦେୱାନୀ ମାମଲା ୧୨୮, ଫୌଜଦାରି ମାମଲା ୧୬ଟି ରହିଛି। ଏଥିସହ ବ୍ୟାଙ୍କ ସମ୍ପର୍କିତ ମାମଲାଗୁଡ଼ିକର ମଧ୍ୟ ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦକୁ ୯୫ଲକ୍ଷ ୫ହଜାର, ଅନ୍ୟ ମାମଲାର ଜରିମାନା ଓ ବ୍ୟାଙ୍କରଣ ଫଇସଲା ବାବଦକୁ ୧୯ଲକ୍ଷ ୬୬ହଜାର ୬୪୭ଟଙ୍କା ଆଦାୟ କରାଯାଇଛି।

ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିରଞ୍ଚି କୁମାର ରଥ, ପାରିବାରିକ ଅଦାଲତ ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତିରଞ୍ଜନ ଶତପଥୀ, ବରିଷ୍ଠ ଦେୱାନୀ ବିଚାରପତି ଅଲ୍ପନା ସ୍ୱାଇଁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିଜିତ କୁମାର ପୁରୋହିତ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ନାୟକ ବିଭିନ୍ନ କୋର୍ଟରେ ମାମଲା ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା, ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣର ସଚିବ ଅରୁଣ ପଟ୍ଟନାୟକ, ସରକାରୀ ଓକିଲ ପତିତପାବନ ମହାପାତ୍ର ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ କମିଟି ସଦସ୍ୟାସଦସ୍ୟ, ମିଡିଏଟର, ପାରାଲିଗାଲ ଭଲ୍ୟୁଣ୍ଟିୟର, ବିଭାଗୀୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ହିନ୍ଦୋଳରେ ଡକାୟତି

**ହିନ୍ଦୋଳ,୧୩।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ଅମଲାପଡ଼ା ଛକସ୍ଥିତ ତହସିଲଦାରଙ୍କ କ୍ୱାର୍ଟର୍ସ ସମ୍ମୁଖ ରାସ୍ତାରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଡକାୟତି ହୋଇଛି। ଆତଙ୍କରାଜ ସୃଷ୍ଟି କରିଥିବା ୮ଜଣ ଯୁବକଙ୍କ ମଧ୍ୟରୁ ୪ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରିଛନ୍ତି। ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି।

**୪ ଜଣଙ୍କୁ କାବୁ କଲେ ସ୍ଥାନୀୟ ଲୋକେ**

ମିଳିଥିବା ସୂଚନା ଅନୁଯାୟୀ, କନ୍ତାମିଲା ଗ୍ରାମର ସଂଗ୍ରାମ ଅମାନ୍ତ, ବାବୁଲି ସେଠୀ, ସୁମନ ସାହୁ ଏକ କାର୍‌ରେ ନରସିଂହପୁରରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସ୍ଥାନୀୟ ତହସିଲଦାରଙ୍କ କ୍ୱାର୍ଟର୍ସ ସମ୍ମୁଖ ରାସ୍ତାରେ ୪ଟି ବାଇକ୍‌ରେ ୮ଜଣ ଯୁବକ ଆସି ଗାଡ଼ି ଅଟକାଇଥିଲେ। ସଂଗ୍ରାମଙ୍କୁ ଗାଡ଼ି ଭିତରୁ ଟାଣି ନେଇ ନିସ୍ଥୁକ ମାଡ଼ ମାରିବା ସହ ମନି ପର୍ସ, ମୋବାଇଲ, ସୁନା ଚେନ୍ ଏବଂ କାର ଚାବି ନେଇଯାଇଥିଲେ। ହୋହଲ୍ଲା ଶୁଣି ସ୍ଥାନୀୟ ଯୁବକ ପହଞ୍ଚି ୪ଜଣ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ। ଅନ୍ୟ ୪ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ଅଟକ ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଥିବା ପୋଲିସ କହିଛି।

■ବାହୁଡ଼ା ଯାତ୍ରା ଭଜନ ସମାରୋହ ଦ୍ୱିତୀୟ ସନ୍ଧ୍ୟା

# ମୋର ପେଟ ପୋଡ଼ିଯାଏ...



କଣ୍ଠଶିଳ୍ପୀ ପ୍ରଫୁଲ୍ଲ ବେହେରା ଭଜନ ପରିବେଷଣ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୩।୭**

ଢେଙ୍କାନାଳ ରଥଗଡ଼ାରେ ଆରମ୍ଭ ହୋଇଥିବା ବାହୁଡ଼ା ଯାତ୍ରା ଭଜନ ସମାରୋହରେ ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆୟୋଜିତ କାର୍ଯ୍ୟକ୍ରମରେ ଖ୍ୟାତନାମା କଣ୍ଠଶିଳ୍ପୀ ପ୍ରଫୁଲ୍ଲ ବେହେରାଙ୍କ କଣ୍ଠରେ ମୋର ପେଟ ପୋଡ଼ିଯାଏ...ଭଜନକୁ ବେଶ୍ ପସନ୍ଦ କରିଥିଲେ ଶ୍ରୋତା। ସେହିପରି କଣ୍ଠଶିଳ୍ପୀ ସୁଜାତା ରଥ, ପ୍ରଶାନ୍ତ ପାଢ଼ୀଙ୍କ ଦ୍ୱାରା ପରିବେଷିତ ଜଗନ୍ନାଥ ଭଜନ ଭକ୍ତଙ୍କୁ ବିଭୋର କରିଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ଶଶିମୌଳି ରଥ, ସୁକାନ୍ତ ମିଶ୍ର, ଗଣେଶ ବଜାର ପୂଜା କମିଟି ସଭାପତି ବସନ୍ତ ସାହୁ, ନାଟ୍ୟକାର ଦୀନେଶ ଦାସ, ଅନୁଷ୍ଠାନର ଉପସଭାପତି ସତ୍ୟସ୍ୱରୂପ ଦାସ, ନୃସିଂହ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଗହଣା ଦୋକାନରୁ ଚୋରି

**ନୀଳଗିରି, ୧୩।୭(ଡି.ଏନ.ଏ.):**

ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାରରେ ଥିବା ନ୍ୟୁ ନାରାୟଣ ଜୁଏଲେରୀ ଦୋକାନରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଶଟର ଭାଙ୍ଗି ଗହଣା ନେଇଯାଇଛନ୍ତି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଦୋକାନରେ ଲଗାଯାଇଥିବା ସିସିଟିଭିକୁ ଜବତ କରି ଫୁଟେଜ୍ ଆଧାରରେ ତଦନ୍ତ ଜାରିରଖିଛି । ୬ବର୍ଷ ତଳେ ଦୁର୍ବୃତ୍ତମାନେ ଉକ୍ତ ଦୋକାନ ମାଲିକଙ୍କୁ ଗୁଳିମାଡ଼ କରି ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ନଗଦ ଟଙ୍କା ଲୁଟି ନେଇଯାଇଥିଲେ।

# ଭାଜପାର ସଦସ୍ୟତା ଅଭିଯାନ



କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ।

**କାମାକ୍ଷାନଗର, ୧୩।୭(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସିରେ ଶନିବାରଠାରୁ ଆରମ୍ଭ ହୋଇଛି ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ। ଏହି ଉପଲକ୍ଷେ ଦଳୀୟ ନେତା ଅଶ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଜିଲା ସଭ୍ୟ ସଂଗ୍ରହ ଅଭିଯାନ ପ୍ରମୁଖ ମାତୃପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଏନ୍‌ଏସିର ପ୍ରତି ୱାର୍ଡରୁ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରି ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ସଦସ୍ୟତା ଅଭିଯାନରେ ସାମିଲ ହୋଇଥିବା କର୍ମକର୍ତ୍ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରଣଜିତ ସାହୁ, ଶେଷଦେବ ନାୟକ, ମୀନକେତନ ସାହୁ, ଅମ୍ବିକା ଶତପଥୀ, ଜହର ନାୟକ, ନିଶାକର ବେହେରା, ଶେଷଦେବ ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

■ଜବରଦଖଲ ପାଇଁ ବଢୁଛି ଡ୍ରେନେଜ୍ ସମସ୍ୟା

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି



■ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ

■୩୫୦୦ ଗ୍ରାମବାସୀ ହେଉଛନ୍ତି ହୀନସ୍ତା

**ଭାପୁର, ୧୩।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦରେ ରାସ୍ତା ଜବରଦଖଲ କାରଣରୁ ତିଆରି ହୋଇପାରୁନି ଡ୍ରେନ୍। ସାମାନ୍ୟ ବର୍ଷାରେ ମୁଖ୍ୟ ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି। ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିବା ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀ ପାଣି କାଦୁଅରେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି।

ଗୋବିନ୍ଦପ୍ରସାଦ ଗ୍ରାମର ମୋଟ ଜନସଂଖ୍ୟା ପାଖାପାଖି ୩୫୦୦। ଭୌଗୋଳିକ ଦୃଷ୍ଟିକୋଣରେ ଗ୍ରାମଟି ସାପୁଆ ନଦୀ ଆଡ଼କୁ ଗଡ଼ାଣିଆ। ଫଳରେ ଦୀର୍ଘ ୧ କିମି ବିଶିଷ୍ଟ ଗ୍ରାମ୍ୟରାସ୍ତା ଦେଇ ବର୍ଷାଜଳ ନିଷ୍କାସିତ ହୋଇଥାଏ। ହେଲେ କେତେଜଣ ଗ୍ରାମବାସୀ ରାସ୍ତା ଉପରେ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ରାସ୍ତା ଅତ୍ୟନ୍ତ ସଙ୍କୁଚିତ ହୋଇପଡ଼ିଥିବାରୁ ଡ୍ରେନ୍ ନିର୍ମାଣ ହୋଇପାରୁନାହିଁ। କାଦୁଅ ପଚପଚ ରାସ୍ତାରେ ଛାତ୍ରୀଛାତ୍ରମାନେ ସ୍କୁଲ ଯାଉଛନ୍ତି। ଅନେକ ସମୟରେ ସେମାନେ ଖାଲଖମାରେ ପଡ଼ି ଆହତ ହେଉଛନ୍ତି। ଯୋଜନାବଦ୍ଧ ଭାବେ ଢଳେଇ ରାସ୍ତା ତିଆରି ହୋଇ ନ ଥିବାରୁ ଉଚ୍ଚାନିଚା ରହିଛି। ଫଳରେ ଉକ୍ତ ସ୍ଥାନରେ ପାଣି ଜମି ରହି ଝର ସୃଷ୍ଟି ହେଉଛି। ୨-୩ ମାସ ଯାଏ ଝର ପାଣି ସନ୍ତସନ୍ତିଆ ପରିବେଶ ସୃଷ୍ଟି କରୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୦୧୭ରେ ଗ୍ରାମବାସୀ ଜବରଦଖଲ ହଟାଇବାକୁ ଜିଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ। ହେଲେ ଦୀର୍ଘ ୨ବର୍ଷ ପରେ ବି ଏହାର ସମାଧାନର ବାଟ ବାହାରି ପାରିନାହିଁ। ସବୁଆଡ଼ୁ ନିରାଶ ହେବା ପରେ ପୁନର୍ବାର ୨୦୧୯ ଜାନୁୟାରୀରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ତଥାପି ପ୍ରଶାସନିକ ଅଧିକାରୀ ସମସ୍ୟାକୁ ଅତ୍ୟନ୍ତ ହାଲ୍‌କା ଭାବେ ନେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଏ ନେଇ ସରପଞ୍ଚ ଜିତୁରଞ୍ଜନ ଜେନା କୁହନ୍ତି, ରାସ୍ତା ସମ୍ପ୍ରସାରଣରେ ପ୍ରମୁଖ ସମସ୍ୟା ଜବରଦଖଲ। ଜବରଦଖଲ ହଟାଗଲେ ସମାଧାନର ବାଟ ବାହାରିପାରିବ। ଘଟିପିରି ଆର୍‌ଆଇ ଇତିଶ୍ରୀ ପ୍ରିୟଦର୍ଶିନୀ କୁହନ୍ତି, ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ବିଧିବଦ୍ଧ ଭାବେ ଅଭିଯୋଗ ହେଲେ କିମ୍ବା ଉପରିସ୍ଥ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

